# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 April - 2024**

*News Editor :* **Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ଶାନ୍ତି ସୁନିଶ୍ଚିତ କରିବା ପାଇଁ ଆଜି ସମଗ୍ର ବିଶ୍ୱ ଭାରତ ଉପରେ ନଜର ରଖିଛି ବୋଲି କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ମହାବୀର ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

- ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଉପରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀଙ୍କ ଗୁରୁତ୍ୱାରୋପ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ୪ଟି ସହରର ତାପମାତ୍ରା ଅତିକ୍ରମ କଲା ୪୦ ଡିଗ୍ରୀ ସେଲସିୟସ୍

# ପିଏମ୍-ମହାବୀର ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଶ୍ୱଶାନ୍ତି ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନ ସମଗ୍ର ବିଶ୍ୱ ଭାରତ ଆଡକୁ ଦେଖୁଛି । ଆଜି ମହାବୀର ଜୟନ୍ତୀ ଅବସରରେ ନୂଆଦିଲ୍ଲୀଠାରେ ୨ହଜାର ୫୫୦ତମ ଭଗବାନ ମହାବୀର ନିର୍ବାଣ ମହୋତ୍ସବକୁ ଉଦ୍‌ଘାଟନ କରି ସେ ଏହା କହିଛନ୍ତି । ସେ କହିଛନ୍ତି ନବ ଭାରତର ଏହି ନୂତନ ଭୂମିକାର ଶ୍ରେୟ ଆମର ଅଭିବୃଦ୍ଧିଶୀଳ ଦକ୍ଷତା ଏବଂ ବୈଦେଶିକ ନୀତିକୁ ହିଁ ଯାଉଛି । ବିଶ୍ୱବ୍ୟାପୀ ଦେଖାଦେଉଥିବା ସଂଘର୍ଷ ଏବଂ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତର ତୀର୍ଥଙ୍କରମାନଙ୍କର ବାଣୀ ବେଶ୍ ମହତ୍ତ୍ୱପୂର୍ଣ୍ଣ ମନେହୁଏ । ଭଗବାନମହାବୀରଙ୍କ ପ୍ରତି ଯୁବପୀଢ଼ିଙ୍କ ଆକର୍ଷଣ ସୁନିଶ୍ଚିତ କରାଉଛି ଯେ ଦେଶ ସତ୍‌ମାର୍ଗରେ ଅଗ୍ରସର ହେଉଛି । ପ୍ରଧାନମନ୍ତ୍ରୀ କହିଥିଲେ ଭାରତ କେବଳ ବିଶ୍ୱର ସର୍ବ ପୁରାତନ ସଭ୍ୟତା ନୁହେଁ ବରଂ ମାନବଜାତିର ଏକ ସୁରକ୍ଷିତ ସ୍ୱର୍ଗ । ଭାରତ କେବଳ ନିଜପାଇଁ ଚିନ୍ତା କରେ ନାହିଁ ବରଂ ସମସ୍ତଙ୍କ ପାଇଁ ଚିନ୍ତା କରିଥାଏ । ସେ କହିଛନ୍ତି ଭାରତ ବିଶ୍ୱରେ ସତ୍ୟ, ଅହିଂସା ଏବଂ ଆତ୍ମବିଶ୍ୱାସର ମନ୍ତ୍ରକୁ ପ୍ରତିଫଳିତ କରୁଛି । ଏହି ଅବସରରେ ଉଦ୍‌ବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଥିଲେ ଆଜି ମଧ୍ୟ ଭଗବାନ ମହାବୀରଙ୍କ ନୀତି ଓ ଆଦର୍ଶର ପ୍ରାସଙ୍ଗିକତା ରହିଛି ।

ବଞ୍ଚିବା ଓ ଅନ୍ୟକୁ ବଞ୍ଚିବାକୁ ଦେବାର ନୀତି ଆଜିର ସମୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ସ୍ମାରକୀ ଡାକଟିକଟର ଉନ୍ମୋଚନ କରିଥିଲେ। ୨୪ତମ ତୀର୍ଥଙ୍କର ଭଗବାନ ମହାବୀର ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚାର୍ଯ୍ୟ ଏବଂ ଅପରିଗ୍ରହ ଭଳି ଜୈନ ନୀତିଗୁଡ଼ିକ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ଭାଇଚାରାର ପଥ ପ୍ରଦର୍ଶନ କରିଥିଲେ ।

## ମହାବୀର ଜୟନ୍ତୀ ଶୁଭେଚ୍ଛା

ମହାବୀର ଜୟନ୍ତୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏବଂ ପ୍ରଧାନମବୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ମହାବୀର ଜୟନ୍ତୀ ହେଉଛି ଅହିଂସା ଓ କରୁଣାର ପ୍ରତୀକ ଭଗବାନ ମହାବୀରଙ୍କର ଜନ୍ମଜୟନ୍ତୀ। ରାଷ୍ଟ୍ରପତି କହିଛନ୍ତି ମହାବୀର ଜୟନ୍ତୀ ଆମକୁ ପ୍ରେମ ଏବଂ ଶାନ୍ତିର ବାର୍ତ୍ତା ଦେଇଥାଏ। ଭଗବାନ ମହାବୀର ଆମକୁ ଅହିଂସା, ସତ୍ୟ, ଆତ୍ମତ୍ୟାଗ ଏବଂ ବ୍ରହ୍ମଚାର୍ଯ୍ୟର ପଥ ପ୍ରଦର୍ଶନ କରିଥାନ୍ତି। ତାଙ୍କ ବାଣୀ ସର୍ବଦା ଜନକଲ୍ୟାଣ ପାଇଁ ପ୍ରାସଙ୍ଗିକ। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଆମେ ସମାଜରେ ପ୍ରେମ ଓ ସଂହତି ବଜାୟ ରଖିବା ପାଇଁ ଶପଥ ନେବା ସହିତ ଦେଶର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଭଗବାନ ମହାବୀର ଆମକୁ ଶାନ୍ତିପୂର୍ଣ୍ଣ, ସୌହାର୍ଦ୍ଦ୍ୟପୂର୍ଣ୍ଣ

ଏବଂ ସମୃଦ୍ଧ ସମାଜ ଗଠନ କରିବା ପାଇଁ ମାର୍ଗ ପ୍ରଦର୍ଶନ କରିଛନ୍ତି । ନାଗରିକମାନେ ମହାବୀରଙ୍କ ବାଣୀକୁ ନିଜ ଜୀବନରେ ଆଦର୍ଶ ଭାବେ ଗ୍ରହଣ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାବୀର ଜୟନ୍ତୀର ଶୁଭେଚ୍ଛା ଜଣାଇବା ସହ ତାଙ୍କ ବାର୍ତ୍ତାରେ କହିଛନ୍ତି ଏକ ବିକଶିତ ଭାରତ ଗଠନ ପାଇଁ ଭଗବାନ ମହାବୀରଙ୍କ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ଆମ ପାଇଁ ଏକ ପ୍ରେରଣା।

## ଜାତୀୟ ସିଭିଲ୍ ସର୍ଭିସ ଦିବସ

ଜାତୀୟ ନାଗରିକ ସେବା ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି। ସରକାରୀ କର୍ମଚାରୀଙ୍କର କଠିନ ପରିଶ୍ରମ, ନିଷ୍ଠା ଯୋଗୁଁ ସାଧାରଣ ଲୋକଙ୍କ ଜୀବନଯାତ୍ରା ସହଜସାଧ ହୋଇପାରୁଛି। ତେଣୁ ସେମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଏହି ଦିବସ ପାଳନ କରାଯାଉଛି। ଏହି ଦିବସ ଅବସରରେ **ରାଜ୍ୟପାଳ** ରଘୁବର ଦାସ ସମସ୍ତ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି। ସେହିପରି **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ନାଗରିକ ସେବା ଦିବସରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ଶୁଭେଚ୍ଛା  ଜଣାଇବା ସହ 'ଷ୍ଟିଲ ଫ୍ରେମ୍ ଅଫ୍ ଇଣ୍ଡିଆ' ସ୍ୱଚ୍ଛ ଏବଂ ପ୍ରତିକ୍ରିୟାଶୀଳ ପ୍ରଶାସନ ମାଧ୍ୟମରେ ନାଗରିକମାନଙ୍କୁ ସଶକ୍ତ କରିବା ସହ ଦେଶକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଛନ୍ତି। **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଏହି ଦିବସ ଅବସରରେ କହିଛନ୍ତି, ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କର ଅଗ୍ରଗତି ପାଇଁ ସରକାରୀ କର୍ମଚାରୀଙ୍କର କଠିନ ପରିଶ୍ରମକୁ

ପ୍ରଶଂସା କରିଛନ୍ତି। ଭାରତର 'ଷ୍ଟିଲ୍ ଫ୍ରେମ୍' ସର୍ବଦା ସେବା, କର୍ତ୍ତବ୍ୟ ଏବଂ ଜନ କଲ୍ୟାଣ ଦ୍ୱାରା ପରିଚାଳିତ ହେଉ ବୋଲି ସେ କହିଛନ୍ତି।

## ୟୁଜିସି ନେଟ୍

ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ଜାତୀୟ ଯୋଗ୍ୟତା ପରୀକ୍ଷା ୟୁଜିସି ନେଟ୍ ଜୁନ୍ ୨୦୨୪ ପାଇଁ ଏନ୍‌ଟିଏ ପକ୍ଷରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଚ୍ଛୁକ ପ୍ରାର୍ଥୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍ ମାଧ୍ୟମରେ ଆବେଦନ କରିପାରିବେ। ଏଥିପାଇଁ ମେ' ୧୦ ତାରିଖ ଶେଷ ଦିନ ଧାର୍ଯ୍ୟ କରାଯାଇଥିବାବେଳେ ଫି' ଦାଖଲର ଶେଷ ତାରିଖ ମେ' ୧୧ ରୁ ୧୨ ତାରିଖ ରହିଛି। ବିଜ୍ଞପ୍ତି ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀଙ୍କୁ ଜୁନିୟର ରିସର୍ଚ୍ଚ ଫେଲୋସିପ୍, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ୮୩ଟି ବିଷୟରେ ପିଏଚ୍‌ଡିରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ କରାଯିବ। ୟୁଜିସି ପକ୍ଷରୁ କୁହାଯାଇଛି, ପ୍ରାର୍ଥୀମାନେ କେବଳ ଗୋଟିଏ ବିଷୟରେ ଆବେଦନ କରିପାରିବେ।

## ପୁଲିସ୍ ଡିଜି ସମୀକ୍ଷା

ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଆଜି ଗଞ୍ଜାମ ଜିଲ୍ଲା ଗସ୍ତ କରି ଜିଲ୍ଲାର ନିର୍ବାଚନ ସମୀକ୍ଷା କରିଛନ୍ତି। ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ଆଇଜିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଜିଲ୍ଲାର ସମସ୍ତ ଆରକ୍ଷୀ ଅଧିକ୍ଷକମାନଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଛନ୍ତି। ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ଶାନ୍ତିଶୃଙ୍ଖଳା ସହିତ ହିଂସା ମୁକ୍ତ କରିବା ଉପରେ

ବୈଠକରେ ଗୁରୁତ୍ୱଆରୋପ କରାଯାଇଛି। ଏଥିରେ ୫ ପୋଲିସ୍ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସମୀକ୍ଷା କରାଯାଇଛି।

## କଂଗ୍ରେସ - ପ୍ରାର୍ଥୀ ତାଲିକା

କଂଗ୍ରେସ ପକ୍ଷରୁ ରାଜ୍ୟର ୩ଟି ଲୋକସଭା ଏବଂ ୧୬ଟି ବିଧାନସଭା ଆସନପାଇଁ ଆଉ ଏକ ପ୍ରାର୍ଥୀତାଲିକା ଘୋଷଣା କରାଯାଇଛି । ଲୋକସଭା ଆସନଗୁଡିକ ମଧ୍ୟରେ ସମ୍ବଲପୁରରେ ଦୁଲାଲ ଚନ୍ଦ୍ର ପ୍ରଧାନ, ଆସିକାରୁ ଦେବକାନ୍ତ ଶର୍ମାଙ୍କୁ ପ୍ରାର୍ଥୀ କରାଯାଇଛି । ତେବେ କେନ୍ଦୁଝର ଲୋକସଭା ଆସନ ପାଇଁ ଦଳପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ମୋହନ ହେମ୍ବ୍ରମ୍ଙ୍କ ପ୍ରାର୍ଥୀତ୍ୱକୁ ପରିବର୍ତ୍ତନ କରାଯାଇ ବିନୋଦ ନାଏକଙ୍କୁ ମନୋନୟନ କରାଯାଇଛି । ସେହିଭଳି ଘୋଷିତ ହୋଇଥିବା ୧୬ଟି ବିଧାନସଭା ପାର୍ଥୀଙ୍କ ମଧ୍ୟରେ ୩ ଜଣଙ୍କୁ ପରିବର୍ତ୍ତନ କରାଯାଇଛି । ଦଳପକ୍ଷରୁ ଏପର୍ଯ୍ୟନ୍ତ କଟକ ଏବଂ ମୟୂରଭଞ୍ଜକୁ ଛାଡ଼ି ଅନ୍ୟ ଲୋକସଭା ଆସନଗୁଡ଼ିକାପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । ସେହିଭଳି ଆଉ ୯ଟି ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ବାକି ରହିଛି ।

## ସୀମା ଯାଞ୍ଚ

ନୂଆପଡା ଜିଲ୍ଲା ସଦର ମହକୁମାରେ ମାତ୍ର ୧୫ କିଲୋମିଟର ଦୂରରେ ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ସୀମା ଫାଟକ ରହିଛି। ଓଡ଼ିଶା ଛତିଶଗଡ଼ ସୀମାନିକଟରେ ନିର୍ବାଚନ ପାଇଁ ବ୍ୟାପକ ଯାଂଚ ପ୍ରକ୍ରିୟା ଚାଲିଛି। ନିର୍ବାଚନ ହେତୁ ଛତିଶଗଡ଼ ସୀମାରେ ପୁଲିସ୍, ବନବିଭାଗ, ଅବକାରୀ ବିଭାଗ ଓ

ରାଜ୍ୟ ସର୍ଭିଲାନ୍ସ ଦଳ ମିଳିତ ସହଯୋଗରେ ଯାଂଚକୁ କଡାକଡି କରାଯାଇଛି । ଅସାମାଜିକ ବ୍ୟକ୍ତି କିମ୍ବା ନିର୍ବାଚନକୁ ପ୍ରଭାବିତ କରୁଥିବା ନିଶାଦ୍ରବ୍ୟ ଏବଂ ମାଦକ ସାମଗ୍ରୀକୁ ଜବତ କରାଯିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ପ୍ରୟାସ ଜାରି ରଖିଛନ୍ତି ।

## ଜାନକୀ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶ୍ରୀଯୁକ୍ତ ପଟ୍ଟନାୟକ ଏକାଧାରରେ ଜଣେ ରାଜନୀତିଜ୍ଞ, ସାମ୍ବାଦିକ, ସାହିତ୍ୟିକ, ବାଗ୍ମୀ ଥିଲେ । ସେ ୩ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବା ସହ କେନ୍ଦ୍ରମନ୍ତ୍ରୀ ଏବଂ ଆସାମର ରାଜ୍ୟପାଳ ଥିଲେ । ସେ ମହାକାବ୍ୟ ରାମାୟଣ ଓ ମହାଭାରତର ପୁନଃର୍ଲିଖନ ସହିତ ସଂସ୍କୃତ ଶ୍ରୀମଦ୍ ଭାଗବତର ସମ୍ପୂର୍ଣ୍ଣ ଗଦ୍ୟାନୁବାଦ କରିଥିଲେ । ବୈରାଗ୍ୟଶତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବଙ୍କିମ ଉପନ୍ୟାସମାଳାର ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ୨୦୧୫ ମସିହା ଏପ୍ରିଲ ମାସ ଆଜିର ଦିନରେ ତାଙ୍କର ତିରୋଧାନ ହୋଇଥିଲା ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧମରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି  ଜଣାଇଛନ୍ତି ।

## ସଦାଶିବ ତ୍ରିପାଠୀ ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ଅମାପ ଦେଶପ୍ରେମ, ରାଜ୍ୟର ପ୍ରଗତି ସହ ସାଧାରଣ ଜନତାଙ୍କ ଉନ୍ନତି ଦିଗରେ କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ ଡକ୍ଟର ତ୍ରିପାଠୀ ଓଡିଶା ଭୁସଂସ୍କାର ଆଇନ ପ୍ରଣୟନ ସହ ଶିକ୍ଷାର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବୋଲି କହିଥିଲେ ।

## ବଉଳା କୁମ୍ଭୀର

ବଉଳା କୁମ୍ଭୀରମାନଙ୍କର ପ୍ରଜନନ ପାଇଁ ଆସନ୍ତା ମଇ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ । ଭିତରକନିକା ସହିତ ଯୋଡ଼ି ହୋଇଥିବା ନଦୀ ଓ

ନାଳଗୁଡ଼ିକରେ କୁମ୍ଭୀରମାନେ ବସାବାନ୍ଧି ଅଣ୍ଡା ଦେବେ । ଏହି ସମୟରେ ମାଈ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଥା'ନ୍ତି । ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କୁମ୍ଭୀରମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ରଖିବାପାଇଁ ଭିତରକନିକା ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

## ତାପମାତ୍ରା

ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ରାଜ୍ୟର ୪ ସହରରେ ତାତି ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ଝାରସୁଗୁଡା ଓ କେନ୍ଦୁଝରରେ ତାପମାତ୍ରା ସର୍ବାଧିକ ୪୧ ଡିଗ୍ରୀ ଛୁଇଁଛି । ବାଲେଶ୍ୱରରେ ପାରଦ ୪୦.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଉରକେଲାରେ ୩୯.୬ ଡିଗ୍ରୀ, ଚାନ୍ଦବାଲିରେ ୩୯.୨ ଡିଗ୍ରୀ, ସମ୍ବଲପୁରରେ ୩୮.୨ ଡିଗ୍ରୀ, ହୀରାକୁଦରେ ୩୭.୮ ଡିଗ୍ରୀ ଓ ପୁରୀରେ ୩୪.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଅପରପକ୍ଷେ ଆଜି ରାଜ୍ୟର ୧୦ ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ସୋମବାରଠାରୁ କାଳବୈଶାଖୀର ବିସ୍ତୃତି ବଢିବା ସହ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

*********************************